ଧରିତ୍ରୀ
DHARITRI





ରାୟଗଡ଼ା, ବୁଧବାର, ଅଗଷ୍ଟ ୩୦ /୨୦୧୭ (୧୬ ପୃଷ୍ଠା) Rayagada, Wednesday, August 30 / 2017 ★

୨ମ ଭାଗ ୨୦୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-

# ଆଦିବାସୀ ଅଞ୍ଚଳର ପିଲା ପାଉଛନ୍ତି ଉଚ୍ଚଶିକ୍ଷା

**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ**

- ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବା
- ୮ ବର୍ଷରେ ହୋଇଛି ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ
- ୫ଟି ପୋଷ୍ୟ ଗ୍ରାମ ଗ୍ରହଣ ଲକ୍ଷ୍ୟ

କୋରାପୁଟ/ସେମିଳିଗୁଡ଼ା, ୨୯।୮(ଡି.ଏନ.ଏ/ସ୍ୱ.ପ୍ର)

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୯ମ ପ୍ରତିଷ୍ଠା ଦିବସ ସୁନାବେଡା କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ସଚିଦାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ହରିଶ ତ୍ରିବେଦୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦି ପ୍ଲେସ ଅଫ ହ୍ୟୁମାନିଟିସ ଇନ ହାଇଏର ଏଜୁକେଶନ ଶୀର୍ଷକ ଉପରେ ଆଲୋଚନା କରିଥିଲେ । ଆଦିବାସୀ ଅଞ୍ଚଳରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଯୋଗୁଁ ଛାତ୍ରଛାତ୍ରୀମାନେ ସହଜରେ ଉଚ୍ଚ ଶିକ୍ଷା ପାଇପାରୁଛନ୍ତି ବୋଲି କହିଥିଲେ । ନିକଟ ଭବିଷ୍ୟତରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଜାତୀୟ ଏବଂ ଆନ୍ତର୍ଜାତୀୟସ୍ତରରେ ପରିଚିତ କରାଇବା ପାଇଁ କୁଳପତି ପ୍ରକାଶ କରିଥିଲେ । ବିଶ୍ୱବିଦ୍ୟାଳୟର ଓଏସଡି ପ୍ରଫେସର ଭବାନି ପ୍ରସାଦ ରଥ, ଡିନ ଏକାଡେମୀ ପ୍ରଫେସର କିଶୋର ଚନ୍ଦ୍ର ରାଉତ, ଜୈବ ବିବିଧତା ବିଭାଗର ଡଃ ଶରତ କୁମାର ପାଲିତା ପ୍ରମୁଖ ଯୋଗ ଦେଇ ୮ ବର୍ଷରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବିଭିନ୍ନ ଦିଗରେ ବିକାଶ ଘଟି ବର୍ତ୍ତମାନ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ହୋଇପାରିଛି ବୋଲି କହିଥିଲେ । ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ହଷ୍ଟେଲ, ଅତିଥି ଗୃହ, ଗ୍ରନ୍ଥାଳୟ, ଏନଏସଏସ ସେଲ , ନାକ ସେଲ ଆଦି କରାଯାଇ ବିଶ୍ୱବିଦ୍ୟାଳୟ ଅଧିକ ସୁଦୃଢ କରାଯାଇପାରିଛି । ସେହିପରି ବିଶ୍ୱବିଦ୍ୟାଳୟ ପକ୍ଷରୁ ପାରିପାର୍ଶ୍ୱିକ ୫ ଟି ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରାଯାଇ ସେହି ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ସାମଗ୍ରିକ ଉନ୍ନତି ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡଃ ଫଗୁନାଥ ଭୋଇ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ତରଫରୁ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରଫେସର ଏସ.କେ.ପାଲିତ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଏସଡି ଭବାନୀ ଶଙ୍କର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ,ଅଧ୍ୟାପିକା ଅଧ୍ୟାପକ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।




ଆୟୋଜିତ କାର୍ଯ୍ୟକ୍ରମରେ କୁଳପତି ସଚିଦାନନ୍ଦ ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି ।

**NITI DINA**

**30.08.2017**

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୯ମ ପ୍ରତିଷ୍ଠା ଦିବସ



**କୋରାପୁଟ,୨୯।୮/ଏନ୍‌ଏନ୍‌ଏସ୍ :** କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୯ମ ପ୍ରତିଷ୍ଠା ଦିବସ ସୁନାବେଡା ସ୍ଥିତ ସ୍ଥାୟୀ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ହରିଶ ତ୍ରିବେଦୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଆଦିବାସୀ ବହୁଳ ତଥା କେବିକେ ଭଳି ଅନୁନ୍ନତ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହ ପ୍ରଫେସର ତ୍ରିବେଦୀ 'ଦି ପ୍ଲେସ ଅଫ ହ୍ୟୁମାନିଟିଜ୍ ଇନ ହାୟର ଏଜୁକେଶନ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ ।କୁଳପତି ପ୍ରଫେସର ଶ୍ରୀମହାନ୍ତି ନିଜର ବକ୍ତବ୍ୟ ରଖି କହିଥିଲେ ଯେ, ରାଜ୍ୟର ପଛୁଆ ଅଞ୍ଚଳରେ ଶିକ୍ଷାର ବିକାଶ ଲାଗି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଗତ ୮ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଆଖି ଦୃଶିଆ ପରିବର୍ତ୍ତନ ଅଣାଯାଇପାରିଛି। ଏଥିପାଇଁ ହାଲ୍ ଏବଂ ନାଲକୋ ସମେତ ପ୍ରତ୍ୟେକ ସହଭାଗୀ ଅନୁଷ୍ଠାନକୁ ସେ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏଭଳି ସହଯୋଗ ନେଇ ଆଶା ବ୍ୟକ୍ତ କରିଥିଲେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଜାତୀୟଏବଂ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବା ପାଇଁ ଉଦ୍ୟମ କରାଯାଉଥିବା କୁଳପତି ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରତିଷ୍ଠା ଦିବସ ଉପଲକ୍ଷେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପରମ୍ପରା ଅନୁଯାୟୀ ବିଶ୍ୱବିଦ୍ୟାଳୟ ତରଫରୁ ମୁଖ୍ୟ ଅତିଥିଙ୍କୁ ଚାଦର ଏବଂ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା । ପ୍ରଫେସର ଏସକେ ପାଲିତ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଏସଡି ଭବାନୀଶଙ୍କର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ,ଅଧ୍ୟାପକ ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଡିନ୍ କେସି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# Foundation day of Central University

Jeypore: Students should use their education in development of society, said Prof Harish Trivedi of Delihi University on Tuesday. Addressing the 9th foundation day of Central University at Sunabeda here, Prof Trivedi said students should strive to spread education for development of human values in the society instead of only using it to earn their livelihood. Speaking on the occasion, Vice-Chancellor Prof Sachindananda Mohanty said the university has been catering to the needs of students in KBK region who were earlier deprived of higher education. He informed that the university would introduce more courses for students in coming years.

THE NEW INDIAN EXPRESS Wed, 30 August 2017
epaper.newindianexpress.com//c/21728327

# సమాజంలో విద్యావ్యవస్థ ప్రధానం

సిమిలిగుడ, న్యూస్‌టుడే: సమాజంలో విద్యా వ్యవస్థకు చాలా ప్రాధాన్యత ఉందని దిల్లీ ఇంగ్లీష్ విశ్వవిద్యాలయం మాజీ ప్రొఫెసర్, ప్రముఖ సాహిత్యవేత్త హరీష్ త్రివేది అన్నారు. కొరాపుట్ కేంద్రీయ విశ్వవిద్యాలయం సునాబెడ క్యాంపస్‌లో మంగళవారం నిర్వహించిన తొమ్మిదో వ్యవస్థాపక దినోత్సవానికి ఆయన ముఖ్యఅతిథిగా హాజరయ్యారు. 'విద్య-ప్రాధాన్యత' అంశంపై ఏర్పాటు చేసిన ఈ సదస్సులో ఆయన మాట్లాడారు. విద్యాసంస్థల మధ్య పోటీతత్వం పెరిగిందన్నారు. ప్రతి ఒక్కరి అభివృద్ధికి విద్య చాలా అవసరమన్నారు. వెనుకబడిన కొరాపుట్ జిల్లా అందాలు అద్భుతంగా ఉన్నాయని వర్ణించారు. మాతృభాషను పరిరక్షించాలని కోరారు. అందరిలో అధ్యాత్మక భావాలు నిండి ఉంటే మనస్సుకు ప్రశాంతత లభిస్తుందన్నారు. కేంద్రీయ విశ్వవిద్యాలయం ఉపకులపతి సచ్చిదానంద మహంతి మాట్లాడుతూ విద్యార్థులతోనే విశ్వవిద్యాలయాలు గుర్తింపునకు పునాదులన్నారు. 22 కేంద్రాల్లో విద్యార్థుల సౌకర్యార్థం ప్రవేశ పరీక్షలు నిర్వహించామని, స్థానిక విద్యార్థులకు అన్నివిధాల సహకరిస్తున్నామన్నారు. విశ్వవిద్యాలయంలో క్రమశిక్షణ ఉన్నట్లు తాను ఎక్కడా చూడలేదని పేర్కొన్నారు. డీన్ ఎస్. కె. పల్లితా అధ్యక్షత వహించారు. వివిధ పోటీల విజేతలకు బహుమతులను అందించారు.




వేదికపై త్రివేది తదితరులు

f prameyaodia prameyaodia
www.prameyanews.com

# ପ୍ରମେୟ
THE PRAMEYA

PRINTED AT BHUBANESWAR SAMBALPUR PANIKOILI
RNI REGD NO: ODIODI/2011/37619 - POSTAL REGD NO: BN/208/15-17

• ISSUE 120 • JEYPORE • WEDNESDAY • 30 AUGUST 2017 • ବର୍ଷ ୭ • ସଂଖ୍ୟା ୧୨୦ • ଜୟପୁର • ବୁଧବାର • ୩୦ ଅଗଷ୍ଟ ୨୦୧୭ • 16 PAGES

" ଶାସ୍ତ୍ର ପଢି ଲୋକେ ମୂର୍ଖ ହୋଇ ରହନ୍ତି
କିନ୍ତୁ ଯେ ଏ ଅନୁସାରେ ଆଚରଣ କରେ
ବସ୍ତୁତଃ ସେ ହିଁ ବିଦ୍ୱାନ ଅଟେ "
- ସ୍ୱାମୀ ବିବେ

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

## ବିଜ୍ଞାନ ସହ ସାହିତ୍ୟର ମୂଲ୍ୟବୋଧ ଉନ୍ନତ ଜୀବନ ଗଢିଥାଏ

କୋରାପୁଟ,୨୯।୮(ଅପ୍ର): ଉନ୍ନତ ଜୀବନର ସ୍ୱପ୍ନ ଦେଖିବାକୁ ହେଲେ ବିଜ୍ଞାନ ସହ ସାହିତ୍ୟର ମୂଲ୍ୟବୋଧକୁ ବୁଝିବାକୁ ହେବ। ପ୍ରକୃତରେ ବିଜ୍ଞାନ ଓ ସାହିତ୍ୟ ହିଁ ମଣିଷକୁ ଉନ୍ନତ ଜୀବନ ଦେଇଥାଏ। ସାହିତ୍ୟରେ ମାନବୀୟ ମୂଲ୍ୟବୋଧ ରହିଛି। ଶିକ୍ଷା କେବଳ ଅର୍ଥ ଉପାର୍ଜନର ମାଧ୍ୟମ ନୁହେଁ। ଆଜି କୋରାପୁଟ ସୁନାବେଡା ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନବମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଇଂରାଜୀ ପ୍ରାଧ୍ୟାପକ ହରିଶ ତ୍ରିବେଦୀ ଏଭଳି ମତବ୍ୟକ୍ତ କରିଛନ୍ତି। ଇଂରାଜୀ ଭାଷା ବ୍ୟତୀତ ଆଞ୍ଚଳିକ ଭାଷା, ପ୍ରାଦେଶିକ ଭାଷା ଓ ଜାତୀୟ ଭାଷାରେ ଆତ୍ମୀୟତା ରହିଛି। ଏହାର ବିକାଶ ଦିଗରେ ଛାତ୍ରଛାତ୍ରୀ ଅଧିକ ଗବେଷଣା କରିବାକୁ ସେ ଆହ୍ୱାନ ଦେଇଥିଲେ।

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରତିଷ୍ଠା ଦିବସରେ କୁଳପତି ପ୍ର. ସଚ୍ଚିଦାନନ୍ଦ ମହାନ୍ତି [illegible] ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଉକ୍ତ ଯୋଗଦେଇଥିବା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଇଂରାଜୀ ପ୍ରଫେସର 'ଉଚ୍ଚଶିକ୍ଷାରେ ମାନବୀୟ ମୂଲ୍ୟବୋଧର ସ୍ଥାନ' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ କୁଳପତି ପ୍ର. ମହାନ୍ତି ବର୍ତ୍ତମାନର ଉଚ୍ଚଶିକ୍ଷା କିଭଳି ଦିଗହରା ରହିଛି କହିଥିଲେ। ବିଶ୍ୱବିଦ୍ୟାଳୟ ସବୁବେଳେ ଛାତ୍ରଛାତ୍ରୀଙ୍କୁ ନୈତିକ ବାତାବରଣ ଯୋଗାଇବା ସହ ସଂସ୍କୃତି ସମୃଦ୍ଧ କରିଛି। ଏଥିସହ ଉତ୍ତମ ଚାକିରି ପାଇଁ ସୁଯୋଗ ସୃଷ୍ଟି କରିଆସିଛି ବୋଲି ପ୍ର. ମହାନ୍ତି କହିଛନ୍ତି। ବିଶ୍ୱବିଦ୍ୟାଳୟ ହେଉଛି ନିଜକୁ ଆବିଷ୍କାର କରିବା ସ୍ଥାନ। ଉଦାର ମାନସିକତା ଅର୍ଥ ନିଜର ଅତୀତର ପ୍ରତିବିମ୍ବ ଦେଖିବା ପଣି। ବିଶ୍ୱବିଦ୍ୟାଳୟ ଏହି ୮ ବର୍ଷ ମଧ୍ୟରେ ଛାତ୍ରଛାତ୍ରୀ, କର୍ମଚାରୀଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରିପାରିଛି। ସାମଗ୍ରୀକ ବିକାଶ ମଧ୍ୟରେ ବିଭିନ୍ନ ବିଭାଗର ଉନ୍ନତିକରଣ, ଉଭୟ ବାଳକ ବାଳିକାଙ୍କ ପାଇଁ କ୍ୟାମ୍ପସରେ ହଷ୍ଟେଲ କରାଯାଇଛି। ଗେଷ୍ଟ ହାଉସ ନିର୍ମାଣ କରାଯିବା ସହ ଉଦ୍ୟାନମାନଙ୍କର [illegible] କରାଯାଇଛି। ସମଗ୍ର କ୍ୟାମ୍ପସର ବିଦ୍ୟୁତକରଣ କରାଯାଇଥିବା ବେଳେ ବନୀକରଣ କରାଯାଇ ପରିବେଶକୁ ସବୁଜ ସୁନ୍ଦର କରାଯାଇପାରିଛି। ଆଗାମୀ ସମୟରେ ନୂଆ ଚିତ୍ରର ବିଶ୍ୱବିଦ୍ୟାଳୟ ପରିବର୍ତ୍ତନକୁ ଅପେକ୍ଷା କରାଯାଉଥିବା କୁଳପତି ପ୍ର. ମହାନ୍ତି ନିଜ ବକ୍ତବ୍ୟରେ କହିଛନ୍ତି। ନିଜର ସ୍ମାରକୀ ବକ୍ତୃତାରେ ମୁଖ୍ୟଅତିଥି ପ୍ର. ତ୍ରିବେଦୀ କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପଛରେ ରହିଥିବା ମହତ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଉପାନ୍ତ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାର ବିକାଶ ଅଞ୍ଚଳର ବିକାଶରେ ସହାୟକ ହୋଇପାରିବ ବୋଲି କହିବା ସହ ଶିକ୍ଷା କେବଳ ଅର୍ଥ ଉପାର୍ଜନର ମାଧ୍ୟମ ନୁହେଁ, ସଂସ୍କୃତି ସମୃଦ୍ଧ ହେବା ସହ ମାନବୀୟ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା ବିଶ୍ୱବିଦ୍ୟାଳୟର ମୂଳ ଉଦ୍ଦେଶ୍ୟ ବୋଲି [illegible]




ସବୁକିଛି ନିଷ୍କର୍ଷ ନେବା ଉଚିତ୍ ନୁହେଁ। ଶିକ୍ଷା ପ୍ରତି ଲୋକଙ୍କ ଅଭିମୁଖ୍ୟ ସ୍ପଷ୍ଟ ହେବା କଥା ବୋଲି ସେ କହିଥିଲେ। ଉତ୍ସବରେ ଅତିଥିମାନଙ୍କ ମଧ୍ୟରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ପୁଲିସ, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ଡ. ଏସ୍.କେ.ପାଲିତା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ର. ଭବାନୀ ପ୍ରସାଦ ରଥ, ପ୍ର. କେ.ପି.ଜେନା, ଗବେଷକ, ଗବେଷିକା, କର୍ମଚାରୀମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହାୟତା କରିଥିବା ଲୋକସମ୍ପର୍କ

Volume XXXIII No 323
Bhubaneswar
Wednesday 30 August 2017
Page 18 ₹ 5.00
ଭୁବନେଶ୍ୱର
ବୁଧବାର, ୩୦ ଅଗଷ୍ଟ ୨୦୧୭
୧୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା
www.sambadepaper.com/sambad.in

SAMBAD
ସମ୍ବାଦ


ସର୍ବାଧିକ ଆୟକାରୀ ଦୀପିକା !

RNI Regd. No. 42132/84 PRINTED AT BHUBANESWAR BALASORE JEYPORE BARGARH JEYPORE

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

## ମାନବିକ ଅଧ୍ୟୟନ ବିନା ଶିକ୍ଷା ସଂପୂର୍ଣ୍ଣ ନୁହେଁ

କୋରାପୁଟ,୨୯/୮(ଇମିସ): ପଛୁଆ ଅଂଚଳକୁ ଆଗୁଆ କରିବା ଦିଗରେ ଶିକ୍ଷାର ଏକ ପ୍ରମୁଖ ଭୂମିକା ରହିଛି। ଏହି ଦିଗରେ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନେତୃତ୍ୱ ନେବାରେ ସକ୍ଷମ ହୋଇଛି ବୋଲି ମତ ଦେଇଛନ୍ତି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ପ୍ରଫେସର ହରିଶ ତ୍ରିବେଦୀ। ଆଜି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନବମ ପ୍ରତିଷ୍ଠା ଦିବସରେ ପ୍ରତିଷ୍ଠା ଦିବସ ବକ୍ତୃତା ପ୍ରଦାନ କରି ସେ କହିଛନ୍ତି ଯେ, ଶିକ୍ଷା ବ୍ୟବସ୍ଥାରେ ବିଜ୍ଞାନ ଓ କାରିଗରୀ କୌଶଳର ଯେତିକି ଆବଶ୍ୟକତା ରହିଛି ମାନବିକ ଅଧ୍ୟୟନ ଓ କଳାର ସେତିକି ଗୁରୁତ୍ୱ ରହିଛି। ଗୋଟିଏ ବିଭାଗକୁ ଛାଡିଦେଲେ ଶିକ୍ଷା ସ୍ୱୟଂ ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ।

ବିଶ୍ୱବିଦ୍ୟାଳୟର ସୁନାବେଡାସ୍ଥିତ ସ୍ଥାୟୀ କ୍ୟାମ୍ପସରେ ଆଜି ଅନୁଷ୍ଠିତ ପ୍ରତିଷ୍ଠା ଦିବସ ସମାରୋହରେ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରଫେସର ତ୍ରିବେଦୀ 'ଉଚ୍ଚଶିକ୍ଷାରେ ମାନବିକ ଅଧ୍ୟୟନର ସ୍ଥାନ' ଶୀର୍ଷକ ପ୍ରତିଷ୍ଠା ଦିବସ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଏକ ଭଲ ଜୀବନ ବିତାଇବା ପାଇଁ ମାନବିକ ଅଧ୍ୟୟନ କରିବା ନିହାତି ଜରୁରୀ। ଚାକିରୀ ଆଶାରେ ବିଜ୍ଞାନ ପଢିବା ପାଇଁ ଅଧିକ ଛାତ୍ରଛାତ୍ରୀ ଆଗ୍ରହୀ ହେଉଥିଲେ ମଧ୍ୟ କଳାର ଗୁରୁତ୍ୱ ବିଲକୁଲ କମିନି ବୋଲି ସେ କହିଥିଲେ। କୁଳପତି ପ୍ରଫେସର ମହାନ୍ତି କହିଥିଲେ ଯେ, ୮ବର୍ଷ ଭିତରେ ଏହି ବିଶ୍ୱବିଦ୍ୟାଳୟ ଅନେକ ଉନ୍ନତି କରି ପାରିଛି। ଏଠାରେ ଏକ ଉଚ୍ଚ ମାନର ସଂସ୍କୃତି ଓ ବିଦ୍ୟା ଭିତ୍ତିକ ପରିବେଶ ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯାଇଛି। ନିଜକୁ ଆବିଷ୍କାର କରିବା ପାଇଁ ବିଶ୍ୱବିଦ୍ୟାଳୟ ଏକ ପ୍ରକୃଷ୍ଟ ସ୍ଥାନ। ଏହାକୁ ଛାତ୍ରଛାତ୍ରୀ ଉପଲବ୍ଧି କରି ନିଜର ବିକାଶ କରିବା ଦରକାର। ଏହି ବିଶ୍ୱବିଦ୍ୟାଳୟକୁ ବିଶ୍ୱ ଦରବାରରେ ପରିଚିତି କରାଇବା ପାଇଁ ଉଦ୍ୟମ ଚାଲିଛି ବୋଲି ସେ କହିଥିଲେ। ଏହି ଅବସରରେ ଏକାଡେମିକ୍ସ ଡିନ ଡଃ ଶରତ କୁମାର ପଲିତା ସ୍ୱାଗତ ଭାଷଣ ଦେଇଥିଲାବେଳେ ଓଏସଡି ପ୍ରଫେସର ଭବାନୀ ପ୍ରସାଦ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରଫେସର କିଶୋର ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରାଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
କଟକ | ସମ୍ବଲପୁର | ବିଶାଖାପାଟଣା | କଲକାତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱର | ଅନୁଗୋଳ | କୋରାପୁଟରୁ ପ୍ରକାଶିତ

97 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2015-2017

- Koraput, Wednesday 30 August 2017
- କୋରାପୁଟ, ବୁଧବାର ୩୦ ଅଗଷ୍ଟ ୨୦୧୭
- ଆଜି ସିଂହ ୧୪ ଦିନ, ୧୪୨୪ ସାଲ
- ଭାଦ୍ରବ ୮ ଦିନ, ୧୯୩୯ ଶକାବ୍ଦ, ଶୁକ୍ଳପକ୍ଷ ନବମୀ
- ଭାଗ- ୮୮ ସଂଖ୍ୟା- ୨୩୭
- www.thesamaja.com
www.samajaepaper.com

ଟ ୫.୦୦ (୧୬ ପୃଷ୍ଠା)

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନବମ ପ୍ରତିଷ୍ଠା ଦିବସ ପାଳିତ

# ‘ପାଠ୍ୟକ୍ରମରେ ନିଯୁକ୍ତି ନୁହେଁ; ମାନବୀୟ ବିଚାର ରହୁ’

ସୁନାବେଡ଼ା, ୨୯।୮ (ନି.ପ୍ର): ସମୟକୁ ଅର୍ଥ ଉପାର୍ଜନ କିମ୍ବା ଭୌତିକ ଉପଭୋଗ ନିମନ୍ତେ ବ୍ୟବହାର କରାଯାଇପାରିବନାହିଁ। ଉଚ୍ଚଶିକ୍ଷାର ମୁଖ୍ୟ ଲକ୍ଷ୍ୟ ହେଲା ଜ୍ଞାନ ଆହରଣ କରିବା। ଉଚ୍ଚଶିକ୍ଷା ନିମନ୍ତେ ଜଣେ ମୁକ୍ତ ଚିନ୍ତା ରଖିବା ଆବଶ୍ୟକ। ନିଜ ଭିତରେ ଥିବା କବି ଭାବନାକୁ ବଞ୍ଚାଇ ରଖିବାକୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ପ୍ରଫେସର ତଥା ବିଶିଷ୍ଟ ଲେଖକ ଓ ସମାଲୋଚକ ଡ.ହରିଶ ତ୍ରିବେଦୀ ମଙ୍ଗଳବାର କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନବମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି। କୋରାପୁଟ ଭଳି ଦୁର୍ଗମ ସ୍ଥାନରେ ବିଶ୍ୱବିଦ୍ୟାଳୟ ସ୍ଥାପନ ଦ୍ୱାରା ଏହି ଅଞ୍ଚଳର ଛାତ୍ରଛାତ୍ରୀ ଉନ୍ନତମାନର ଉଚ୍ଚଶିକ୍ଷା ପାଇବାର ସୁଯୋଗ ପାଇପାରିବେ। ମାନବୀୟ ବିଦ୍ୟାର ଉନ୍ନତି ନିମନ୍ତେ ବିଶ୍ୱବିଦ୍ୟାଳୟଗୁଡ଼ିକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ ପରାମର୍ଶ ଦେଇଛନ୍ତି। କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି, ବିଶ୍ୱବିଦ୍ୟାଳୟର ପତାକା ଉତ୍ତୋଳନ କରିଥିଲେ। ଓଏସଡି ପ୍ରଫେସର ଭବାନୀପ୍ରସାଦ ରଥ, ଡିନ(ଏକାଡେମିକ୍ସ) ପ୍ରଫେସର କିଶୋର ଚନ୍ଦ୍ର ରାଉତ ଏବଂ ସ୍କୁଲ ଅଫ ବାଇଓ ଡାଇଭରସିଟି ଆଣ୍ଡ କନଭରସେସନାଲ ଅଫ ନ୍ୟାଚୁରାଲ ରିସୋର୍ସେସର ଡିନ ଶରତକୁମାର ପଲିତା ମଞ୍ଚାସୀନ ଥିଲେ।

ପ୍ରଫେସର ମହାନ୍ତି କହିଥିଲେ ଯେ ୮ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟର ଅନେକ ଉନ୍ନତି ହୋଇପାରିଛି। ବିଶ୍ୱବିଦ୍ୟାଳୟ ଏକ ଉଚ୍ଚମାନର ସାଂସ୍କୃତିକ ଏବଂ ବିଦ୍ୟାଭିତ୍ତିକ ପରିବେଶ ସହ ଯୁବପିଢ଼ି ନିମେନ୍ତ ନୂତନ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ରଖିବା ଆବଶ୍ୟକ। ନିଜକୁ ଆବିଷ୍କାର କରିବା ନିମନ୍ତେ ବିଶ୍ୱବିଦ୍ୟାଳୟ ଏକ ଉତ୍ତମ ସ୍ଥାନ ଅଟେ। ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ, ଅତିଥିଗୃହ, ଗ୍ରନ୍ଥାଳୟ, ଏନଏସଏସ ସେଲ, ଏଏସି ସେଲ୍ ଏବଂ ବୃକ୍ଷରୋପଣ କରାଯାଇଛି। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ଏନଏଏସି ଦଳର ପରିଦର୍ଶନକୁ ନେଇ ଚଳଚଞ୍ଚଳ ରହିଥିବା ପ୍ରଫେସର ମହାନ୍ତି କହିଥିଲେ। ଡାକ୍ତର ଶରତକୁମାର ପଲିତା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଭବାନୀପ୍ରସାଦ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର କିଶୋରଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଲୋକସମ୍ପର୍କ ଅଧିକାରୀ ଫଗୁନାଥ ଭୋଇଙ୍କ ସମେତ ଛାତ୍ରଛାତ୍ରୀ, ପ୍ରାଧ୍ୟାପକ, ପ୍ରାଧ୍ୟାପିକା ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।




## ପୋଷ୍ୟ ଗ୍ରାମରେ ଶିକ୍ଷାର ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ଯତ୍ନବାନ

କୋରାପୁଟ, ୨୯।୮ (ବ୍ୟୁରୋ): ଆଦିବାସୀ ଶିକ୍ଷା ପାଠ୍ୟକ୍ରମ ଓ ତତ୍ସଲଗ୍ନ ଗବେଷଣା ଉପରେ ବିଶ୍ୱବିଦ୍ୟାଳୟ ଗୁରୁତ୍ୱ ଦେଇ ଆସୁଛି। ଆଗାମୀ ଦିନରେ ଏହା ଉପରେ ଏକ ସ୍ୱତନ୍ତ୍ର କେନ୍ଦ୍ର ଖୋଲାଯାଇ ଉଚ୍ଚତର ଗବେଷଣାକୁ ପ୍ରାଧାନ୍ୟ ଦିଆଯିବ। ବିଶ୍ୱବିଦ୍ୟାଳୟ ପକ୍ଷରୁ ୫ଟି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଥିବା ସୂଚନା ଦେଇ ଏହି ଗ୍ରାମଗୁଡ଼ିକରେ ରାସ୍ତାଘାଟ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଯୋଗାଇ ଦିଆଯିବା ସହ ପିଲାଙ୍କୁ ଉତ୍ତମ ଶିକ୍ଷା ପ୍ରଦାନର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏହି ଗାଁଗୁଡ଼ିକର ପିଲା ଯେପରି ଉଚ୍ଚଶିକ୍ଷା ପାଇଁ ଏହି ବିଶ୍ୱବିଦ୍ୟାଳୟରେ ହିଁ ଅଧ୍ୟୟନ କରିପାରିବେ ସେ ଦିଗରେ ବିଶ୍ୱବିଦ୍ୟାଳୟ ଯଥେଷ୍ଟ ଧ୍ୟାନ ରଖିଛି। ବିଶ୍ୱବିଦ୍ୟାଳୟରୁ ଅଞ୍ଚଳର ବିକାଶ ଓ ସାମାଜିକ ଦାୟିତ୍ୱବୋଧ ପ୍ରତି ସଚେତନ ଅଛି। ଭବିଷ୍ୟତରେ ଏହି ଅନୁଷ୍ଠାନ ଅଞ୍ଚଳର ପିଲାଙ୍କ ଶିକ୍ଷାର ବିକାଶରେ ଏକ ମାଇଲଖୁଣ୍ଟ ଭଳି ଛିଡ଼ା ହୋଇ ରହିବ ବୋଲି ପ୍ରଫେସର ମହାନ୍ତି ଆଶାପ୍ରକାଶ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ପାଇଁ ସର୍ବଭାରତୀୟସ୍ତରରେ ୨୨ଟି କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ହୋଇଥାଏ ଏବଂ ଏଠାକୁ ଆନ୍ଧ୍ର, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ତଥା ଦେଶର ଅନ୍ୟାନ୍ୟ ସ୍ଥାନରୁ ପିଲାମାନେ ପଢ଼ିବା ପାଇଁ ଆସିଥା'ନ୍ତି। କେବିକେ ଅଞ୍ଚଳରେ ଶିକ୍ଷାର ବିକାଶ କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଏକ ପ୍ରମୁଖ ଉଦ୍ଦେଶ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ଏହି ଅଞ୍ଚଳରୁ ପ୍ରବେଶିକା ପରୀକ୍ଷା ଦେଉଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ୫ ପ୍ରତିଶତ ଗ୍ରେସ୍ ମାର୍କ ଦିଆଯିବାର ବ୍ୟବସ୍ଥା କରାଯାଉଛି। ଖୁବ୍ଶୀଘ୍ର ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ‘ସବୁଜ କ୍ୟାମ୍ପସ’ ଭାବେ ଗଢ଼ି ତୋଳିବା ପାଇଁ ଜଙ୍ଗଲ ବିଭାଗ ସହମିଶି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏହି ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ସମ୍ପ୍ରସାରଣ ପାଇଁ ଅର୍ଥ ମଞ୍ଜୁର ହୋଇଛି ଏବଂ ଖୁବ୍ଶୀଘ୍ର ଏକାଡେମିକ୍ ବିଭାଗ, ପ୍ରଶାସନିକ ବିଭାଗ, ସ୍ପୋର୍ଟସ କମ୍ପ୍ଲେକ୍ସ, ଅଡିଟୋରିୟମ ନିର୍ମାଣ କରାଯିବ।

## ‘କଳା, ସାହିତ୍ୟ ଓ ଦର୍ଶନର ଉପଲବ୍ଧି ମଣିଷକୁ ପୂର୍ଣ୍ଣାଙ୍ଗ କରେ’


ପ୍ର. ହରିଶ ତ୍ରିବେଦୀ

କୋରାପୁଟ, ୨୯।୮ (ବ୍ୟୁରୋ): ଉଚ୍ଚଶିକ୍ଷା କ୍ଷେତ୍ରରେ ସାହିତ୍ୟିକ ସଂସ୍କୃତି ଓ ଦର୍ଶନ ତଥା ଭାଷା ଓ ସାମାଜିକ ବିଜ୍ଞାନ ପାଠ୍ୟକ୍ରମଗୁଡ଼ିକର ସ୍ଥାନ ଓ ସାମ୍ପ୍ରତିକ ପରିସ୍ଥିତିରେ ଏହାର ସ୍ଥିତିକୁ ନେଇ ମୁଖ୍ୟ ଅତିଥି ପ୍ରଫେସର ହରିଶ ତ୍ରିବେଦୀ ଉଦ୍ବେଗ ପ୍ରକାଶ କରିଛନ୍ତି। ଜଗତୀକରଣ ପ୍ରକ୍ରିୟାରେ ନିଯୁକ୍ତିଭିତ୍ତିକ ପାଠ୍ୟକ୍ରମଗୁଡ଼ିକୁ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରମୁଖ ସ୍ଥାନ ଓ ଗୁରୁତ୍ୱ ଦିଆଯାଉଛି। ଏ ପରିସ୍ଥିତିରେ ଭାଷା ଓ କଳା ପାଠ୍ୟକ୍ରମଗୁଡ଼ିକ ନିଜର ସ୍ଥିତି ଜାହିର କରିପାରୁନାହିଁ। ଅନ୍ୟପକ୍ଷରେ ସାମାଜିକ ବ୍ୟବସ୍ଥାରେ ବୈଷୟିକ ଶିକ୍ଷା ପ୍ରତି ଦେଖାଦେଇଥିବା ଅନୁକୂଳ ଦୃଷ୍ଟିଭଙ୍ଗୀ ଅନେକାଂଶରେ କଳା ପାଠ୍ୟକ୍ରମ ବିକାଶରେ ଅନ୍ତରାୟ ସୃଷ୍ଟି କରୁଛି। ପ୍ରଫେସର ତ୍ରିବେଦୀ ଜ୍ଞାନ ଓ ବିଜ୍ଞାନର ସହାବସ୍ଥାନ ଉପରେ ଜୋର୍ ଦେବା ସହ ପ୍ରତ୍ୟେକଙ୍କୁ ଜୀବନର ଅର୍ଥ ଓ ଆଭିମୁଖ୍ୟ ଉପଲବ୍ଧି କରିବାରେ ପାଠ୍ୟକ୍ରମଗୁଡ଼ିକ ସହାୟକ ହେବା ଭଳି ପ୍ରସ୍ତୁତ ହେବା ଉଚିତ୍ ବୋଲି କହିଥିଲେ। କଳା, ଭାଷା ଓ ଦର୍ଶନର ଶିକ୍ଷା ପ୍ରତ୍ୟେକଙ୍କୁ ଏକ ଭିନ୍ନ ଦୃଷ୍ଟିଭଙ୍ଗୀ ପ୍ରଦାନ କରିବା ସହ ସୃଜନଶକ୍ତି ସମ୍ପନ୍ନ କରିଥାଏ। ଜାପାନ, ଆମେରିକା ଓ ଚୀନ୍ର ବିଶ୍ୱବିଦ୍ୟାଳୟ ଗୁଡ଼ିକ ଭଳି ଭାରତର ବିଶ୍ୱବିଦ୍ୟାଳୟରେ ମଧ୍ୟ ସମଭାବେ ଡିଗ୍ରୀ ଶିକ୍ଷା ପ୍ରଚଳନ ଉପରେ ପ୍ର. ତ୍ରିବେଦୀ ମତପୋଷଣ କରିଥିଲେ। ସମ୍ପ୍ରତି ଜଡ଼ବାଦୀ ଦୁନିଆରେ କଳା, ସାହିତ୍ୟ ଓ ଦର୍ଶନର ଉପଲବ୍ଧି ଓ ଜ୍ଞାନ ମଣିଷକୁ ତା'ର କର୍ମମୟ ଜୀବନକୁ ପୂର୍ଣ୍ଣାଙ୍ଗ ସରଳ ଓ ସାବଲୀଳ କରାଇବାରେ ପ୍ରେରଣା ଯୋଗାଇଥାଏ ବୋଲି ପ୍ରଫେସର ତ୍ରିବେଦୀ କହିଛନ୍ତି।

## ‘ଦେଶର ଉଚ୍ଚଶିକ୍ଷା ଦୋଛକିରେ’


ପ୍ର. ସଚ୍ଚିଦାନନ୍ଦ ମହାନ୍ତି

ଦେଶରେ ଉଚ୍ଚଶିକ୍ଷା ଏକ ସନ୍ଦିକ୍ଷଣ ମଧ୍ୟରେ ଗତି କରୁଛି। ଏହା ଏବେ ଦୋ ଛକିରେ ଛିଡ଼ା ହୋଇ ରହିଛି। ଦେଶର ବିଶ୍ୱବିଦ୍ୟାଳୟ ବ୍ୟବସ୍ଥାରେ ଭାଷା, ସାହିତ୍ୟ ସଂସ୍କୃତି ଓ ଦର୍ଶନ ତଥା କଳା ପାଠ୍ୟକ୍ରମ ପ୍ରତି ଗୌଣ ମନୋଭାବ ପୋଷଣ କରାଯାଉଛି। ଏହି ବ୍ୟବସ୍ଥାରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଅଧୀନରେ ଚାଲୁଥିବା ବିଭିନ୍ନ ପାଠ୍ୟକ୍ରମରେ ସମାନତାର ଅଭାବ ପରିଲକ୍ଷିତ ହେଉଛି। ପ୍ରାଚୀନ ସମୟରୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଶିକ୍ଷାର ଶ୍ରେଷ୍ଠ ମନ୍ଦିର ଭାବେ ମାନ୍ୟତା ଦିଆଯାଇଛି। ଛାତ୍ରଙ୍କ ଜ୍ଞାନ ଓ ବୌଦ୍ଧିକ ବିକାଶ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ସବୁବେଳେ ବଳିଷ୍ଠ ଭୂମିକା ଗ୍ରହଣ କରି ଆସିଛନ୍ତି। ଏପରି ପୃଷ୍ଠଭୂମିରେ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଶିକ୍ଷାଦାନ, ଗବେଷଣା, ଜ୍ଞାନର ଉପଯୁକ୍ତ ବିତରଣ କରାଯାଇ ଆଞ୍ଚଳିକ ତଥା ଜାତୀୟସ୍ତରରେ ଉତ୍କର୍ଷରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କୁଳପତି ପ୍ର. ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି।

28°C
DURGAPUR, INDIA THUNDERSTORMS

the pioneer
THURSDAY, 31 AUGUST 2017 | 04:55:14 PM

Search
E-PAPER



STATE EDITIONS

# CUO CELEBRATES 9TH FOUNDATION DAY

*Wednesday, 30 August 2017 | PNS | KORAPUT | in Bhubaneswar*

Like 0 Share Share Tweet

The Central University of Orissa (CUO), Koraput celebrated its 9th Foundation Day at its permanent campus at Sunabeda on Tuesday.

CUO Vice-Chancellor Prof Sachidananda Mohanty hoisting the university flag said, "Higher education today is at the crossroads. The most important aspect of a university is to cultivate a vibrant cultural and academic atmosphere and to create employability avenues for students. University is a place of self discovery. Times of celebration are also times for reflection."

The university has made good progress in eight years to provide facilities for all round development in its campus like hostels for boys and girls, guest house with state of the art, library, electrification, NSS cell, NAAC cell and plantation in the campus, added Moahnty.

Former University of Delhi English Professor Prof Harish Trivedi said, "Establishing of the university in remote places like Koraput provide scope to students of the region to gain quality education. Humanities study man as a whole. In our culture, the divine and the human had no distinction" and urged the gathering to retain a bit of the poet within them.

Art cannot be used to make money or material issues. The Idea of higher education is to teach the mind. One should not finalise everything through logic. One should have an open attitude towards education, added Trivedi.

0

POST YOUR COMMENTS

## E-PAPER


the pioneer
SC raps Bhatt for perjury

**Hindi Edition**
Delhi
Lucknow
Raipur

**English Edition**
Delhi
Lucknow
Dehradun
Chandigarh
Ranchi
Raipur
Bhopal
Bhubaneswar

China-Yunnan

## MORE NEWS

Inbrief
*31 Aug 2017 | PNS | in Ranchi*

Swiss cottage abode for nature lovers at Netarhat
*31 Aug 2017 | SANTOSH NARAYAN | in Ranchi*

'Nukkad Natak cum Musical Program' by CCL
*31 Aug 2017 | PNS | in Ranchi*

# CUO celebrates 9th Foundation Day

By **OB Bureau** - August 29, 2017




Koraput: Central University of Orissa (CUO), Koraput, celebrated the 9th Foundation Day at its permanent campus at Sunabeda on Tuesday. Vice-Chancellor Prof. Sachidananda Mohanty hoisted the varsity flag and inaugurated the Foundation Day Programme.

On this occasion, Prof. Harish Trivedi, former Professor of English, University of Delhi, distinguished critic, academic and translator delivered the foundation day lecture on 'The Place of Humanities in Higher Education'.

In his inaugural address, Prof. Mohanty said, "Higher education today is at crossroads. The most important aspect of a University is to cultivate a vibrant cultural and academic atmosphere and create avenues of employment for the students."

Expressing satisfaction over the progress made in the last eight years, he said the varsity is also looking forward to the visit of NAAC team early next month.

Prof. Harish Trivedi said, "Establishment of the University in remote places like Koraput provide scope to students of the region to gain quality education. Humanities study man as a whole. In our culture, the divine and the human had no distinction".

He also said art cannot be used to make money. "The Idea of higher education is to teach the mind. One should not finalise everything through logic. One should have an open attitude towards education," he added.

He urged the gathering to retain a bit of poet within them.

## Comments

# Central University of Odisha celebrates 9th Foundation Day

August 30, 2017




Report by Nishapati Nayak, Koraput: The Central University of Orissa, Koraput celebrated 9th Foundation Day at its permanent campus, Sunabeda today. Prof. Sachidananda Mohanty, Vice-Chancellor hoisted the University flag and inaugurated the Foundation Day Programme. On this occasion Prof. Harish Trivedi, former Professor of English, University of Delhi, Distinguished critic, Academic and Translator delivered the foundation Day lecture a Foundation Day lecture on "The Place of Humanities in Higher Education". Prof. Mohanty delivered the inaugural address and presided over the programme.

Prof. Mohanty congratulated all the stakeholders of the University on the 9th Foundation Day. He said "Higher education today is at the cross roads. The most important aspect of a University is to cultivate a vibrant cultural and academic atmosphere and to create employability avenues for students. University is a place of self discovery. Times of celebration are also times for reflection". He said, "The University has made good progress in 8 years to provide facilities for all round development in its campus like Hostels for Boys and Girls, Guest House with state of the art, Library, Electrification, NSS cell, NAAC cell, and Plantation in the campus". The University is also looking forward to the visit of NAAC team due early next month.

Prof. Harish Trivedi stressed on the development of humanities studies in the higher educational institutions in his lecture. He said "Establishing of the University in remote places like Koraput provide scope to students of the region to gain quality education. Humanities study man as a whole. In our culture, the divine and the human had no distinction". He also said "Art cannot be used to make money or material issues. The Idea of higher education is to teach the mind. One should not finalise everything through logic. One should have an open attitude towards education". He urged the gathering to retain a bit of the poet within them.

On this occasion, distinguished guests of district administration, police, PSU, education institutions and different govt. organisation of the region along with media person were present.

Dr. S.K Palita delivered the welcome address, Prof. Bhabani Prasad Rath, OSD introduced the guests on the dais and Prof. K.C Raut, Dean-Academics proposed the vote of thanks. All students, research scholars, faculty members and staffs with other dignitaries' guests and persons from the media were present at large at the occasion.

**Share this:**

**Related**

9th Foundation Day of the Central University of Odisha on 29 August, 2017
August 28, 2017
In "CITY"

Induction Programme held for freshers at Central University of Odisha
August 3, 2017
In "District Dairy"

Central University of Odisha signed MoU with HAL, Sunabeda
May 29, 2017
In "CITY"

## Comments

0 comments